# NATIONAL NEWS BULLETIN (ODIA)

**31 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆସନ୍ତାକାଲି ଉପସ୍ଥାପିତ ହେବ ୨୦୨୬-୨୭ କେନ୍ଦ୍ର ବଜେଟ୍
- ଆଜି ନୂଆଦିଲ୍ଲୀରେ ଆରମ୍ଭ ହେଉଛି ଦ୍ୱିତୀୟ ଭାରତ-ଆରବ ଲିଗ୍ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ
- ସନ୍ଥ ଗୁରୁ ରବିଦାସଙ୍କ ଜନ୍ମବାର୍ଷିକୀ ଅବସରରେ ଆସନ୍ତାକାଲି ପଞ୍ଜାବ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ଗତ ଦଶନ୍ଧିରେ ଦେଶରେ କୃଷକଙ୍କୁ ବଣ୍ଟନ କରାଯାଇଛି ୨୫ କୋଟିରୁ ଊର୍ଦ୍ଧ୍ୱ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ

ଏବଂ

- ତିରୁଅନନ୍ତପୁରମ୍‌ଠାରେ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଆଜି ଖେଳାଯିବ ଟି-୨୦ କ୍ରିକେଟ୍ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍

---

## ସୀତାରମଣ-ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ଲୋକସଭାରେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବେ। ଲୋକସଭାରେ ବଜେଟ୍ ଉପସ୍ଥାପନ ପରେ, ବଜେଟ୍‌ର କପି ରାଜ୍ୟସଭାରେ ଉପସ୍ଥାପିତ ହେବ।

୨୦୧୯ ମସିହାରେ ଶ୍ରୀମତୀ ସୀତାରମଣ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ନବମ ବଜେଟ୍ ଉପସ୍ଥାପନ ହେବ। ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ  ଏହା ହେଉଛି ତୃତୀୟ ବଜେଟ୍। ସଂସଦରେ ବଜେଟ୍ ଭାଷଣ ସମାପ୍ତ ହେବା ପରେ ବଜେଟ୍ ଦସ୍ତାବିଜ୍‌ଗୁଡ଼ିକ ମୋବାଇଲ୍ ଆପ୍ ଏବଂ ୱେବସାଇଟରେ ଉପଲବ୍ଧ ହେବ।

ବଜେଟ୍ ଉପସ୍ଥାପନ ପରେ ଦେଶର ବିଭିନ୍ନ ଅଞ୍ଚଳର ପ୍ରାୟ ତିରିଶ ଜଣ କଲେଜ ଛାତ୍ରଙ୍କ ସହ ଶ୍ରୀମତୀ ସୀତାରମଣ  ବାର୍ତ୍ତାଳାପ  କରିବେ। କଲେଜ ଛାତ୍ରମାନେ ଲୋକସଭା ଗ୍ୟାଲେରୀରୁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନାର ସିଧାସଳଖ  ଦେଖିପାରିବେ।

## ଇଣ୍ଡିଆ-ଆରବ

ନୂଆଦିଲ୍ଲୀରେ ଆଜି ଦ୍ୱିତୀୟ ଭାରତ-ଆରବ ଲିଗ୍ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି ।  ଓମାନର ବୈଦେଶିକ ମନ୍ତ୍ରୀ ବଦର ଅଲ୍ ବୁସେଇଦି ଆଜି ନୂଆଦିଲ୍ଲୀଠାରେ ପହଞ୍ଚିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ତାଙ୍କର ଏହି ଗସ୍ତ ଭାରତ ଏବଂ ଓମାନ୍ ମଧ୍ୟରେ ରଣନୈତିକ ଭାଗିଦାରିତା ସଂପର୍କକୁ ତ୍ୱରାନ୍ୱିତ କରିବ । ପୂର୍ବରୁ ଯୋଗଦେବା ଲାଗି ସଂଯୁକ୍ତ ଆରବ ଏମିରେଟ୍‌ସର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଖଲିଫା ସାହିନ ଅଲ୍ ମାରାର୍ ନୂଆଦିଲ୍ଲୀଠାରେ ପହଞ୍ଚିଛନ୍ତି । ଶ୍ରୀ ମାରାରଙ୍କ ଗସ୍ତ' ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ ମଧ୍ୟରେ ରଣନୈତିକ ଭାଗିଦାରୀ ସଂପର୍କକୁ ଅଧିକ ଦୃଢ଼ୀଭୂତ କରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ପିଏମ୍-ପଞ୍ଜାବ

ସନ୍ଥ ଗୁରୁ ରବି ଦାସଙ୍କ ୬୪୯ତମ ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପଞ୍ଜାବ ଗସ୍ତରେ ଯିବେ । ଶ୍ରୀ ମୋଦୀ ଆଦାମପୁର ବିମାନ ବନ୍ଦର ପରିଦର୍ଶନ କରି ଏହାକୁ ଶ୍ରୀଗୁରୁ ରବିଦାସଜୀ ବିମାନ ବନ୍ଦର ନାମରେ ନୂତନ ନାମକରଣ କରିବେ। ଶ୍ରୀ ଗୁରୁ ରବି ଦାସ ଜଣେ ସନ୍ଥ, ସମାଜ ସଂସ୍କାରକ ଥିଲେ । ତାଙ୍କର ଶିକ୍ଷା, ସମାନତା ଏବଂ ଦୟା ମନୋଭାବ ଭାରତର ସାମାଜିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବାରୁ ତାଙ୍କ ସମ୍ମାନାର୍ଥେ ଆଦାମପୁର ବିମାନ ବନ୍ଦର ଗୁରୁ ରବି ଦାସଙ୍କ ନାମରେ ନାମକରଣ କରାଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଲୁଧିଆନାଠାରେ ହଲୁଓ୍ୱାଡା ବିମାନ ବନ୍ଦର ଟର୍ମିନାଲ୍ ବିଲ୍ଡିଂର ଉଦ୍‌ଘାଟନ କରିବେ । ଏହି ଟର୍ମିନାଲ ହେଉଛି ରାଜ୍ୟର ନୂତନ ଗେଟ୍‌ୱେ ଭାବେ କାର୍ଯ୍ୟ କରିବ । ଏହା ମଧ୍ୟ ଭାରତୀୟ ଏୟାରଫୋର୍ସ ଷ୍ଟେସନର ଗୁରୁତ୍ୱପୂର୍ଣ୍ଣ ସ୍ଥଳୀ । ହାଲୁଓ୍ୱାଡ଼ା ବିମାନ ବନ୍ଦରରେ ବୃହତ ଯୁଦ୍ଧ ବିମାନ  ରହଣି ଏବଂ A320 ଭଳି ବଡ଼ବଡ଼ ଯୁଦ୍ଧ ବିମାନ ଯାତାୟାତ ପାଇଁ ରନ୍‌ୱେର ବ୍ୟବସ୍ଥା କରାଯାଇଛି ।

---

# ପିଏମ୍- ଓ୍ୱେଟ୍‌ଲ୍ୟାଣ୍ଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ରାମସର' ତାଲିକାରେ ଉତ୍ତରପ୍ରଦେଶର ପାଟନା ପକ୍ଷୀ ଅଭୟାରଣ୍ୟ ଏବଂ ଗୁଜରାଟର କଚ୍ଛସ୍ଥିତ ଛାରି-ଧାଣ୍ଡ୍ ସ୍ଥାନ ପାଇଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଏହି ଜିଲ୍ଲାର ସ୍ଥାନୀୟ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନେ ଆର୍ଦ୍ର ଅଞ୍ଚଳର ସଂରକ୍ଷଣ ଦିଗରେ କାର୍ଯ୍ୟ କରିଥିବାରୁ ସେମାନଙ୍କର ପ୍ରଶଂସା

କରିଛନ୍ତି । ସେ କହିଛନ୍ତି ଜୈବ ବିବିଧତା ଏବଂ ପରିବେଶ ସୁରକ୍ଷା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ମଧ୍ୟ ଏହା ସୂଚାଉଛି ।

## ଭିପି-ସୁରଜକୁଣ୍ଡ ଫେଷ୍ଟିଭାଲ୍

ସୁରଜକୁଣ୍ଡଠାରେ ଆଜି ୩୯ତମ ସୁରଜ କୁଣ୍ଡ ଅନ୍ତର୍ଜାତୀୟ ଆତ୍ମନିର୍ଭରଶୀଳ ହସ୍ତଶିଳ୍ପ ମେଳା ଆରମ୍ଭ ହୋଇଛି । ମେଳାର ବିଷୟବସ୍ତୁ ରହିଛି "ଲୋକାଲ୍ ଟୁ ଗ୍ଲୋବାଲ୍- ଆତ୍ମନିର୍ଭର ଭାରତ ।" ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏହି ମେଳାର ଉଦଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏବଂ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଅଂଶ ଗ୍ରହଣ କରିଥିଲେ ।

୧୬ ଦିନ ବ୍ୟାପି ଚାଲିବାକୁ ଥିବା ଏହି ଶିଳ୍ପ ମହୋତ୍ସବ ଆସନ୍ତାମାସ ୧୫ ତାରିଖରେ ଉଦ୍‌ଯାପିତ ହେବ । ଚତୁର୍ଥ ଥର ପାଇଁ ଇଜିପ୍ଟ ଦେଶର ଭାଗିଦାରୀ ରାଷ୍ଟ୍ର ହୋଇପାରିଛି । ଏହି ମେଳାରେ ଉତ୍ତରପ୍ରଦେଶ ଏବଂ ମେଘାଳୟ ଆଦି ରାଜ୍ୟର ସମୃଦ୍ଧ ଐତିହ୍ୟ ଓ ଲୋକକଳା ପ୍ରଦର୍ଶିତ ହୋଇଛି । ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରର ବୁଣାକାର ଏବଂ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ୧୨୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ପଡ଼ିଛି ।

## ସଏଲ୍ ହେଲ୍‌ଥ କାର୍ଡ

ସମଗ୍ର ଦେଶରେ ଗତ ଦଶନ୍ଧିରେ କୃଷକମାନଙ୍କୁ ୨୫ କୋଟିରୁ ଊର୍ଦ୍ଧ୍ୱ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଛି । ୨୦୧୫ ମସିହାରେ ସରକାରଙ୍କ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ଆରମ୍ଭ କରାଯାଇଥିଲା । ଗତବର୍ଷ ଜୁଲାଇ ସୁଦ୍ଧା ଏହି ଯୋଜନା ଅଧୀନରେ ୯୩ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ୬ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷେତ୍ର ପ୍ରଦର୍ଶନ ଏବଂ ବହୁସଂଖ୍ୟାରେ ସଚେତନତା କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଥିଲା । ଉର୍ବର ମୃତ୍ତିକା ପରିଚାଳନାରେ ସମତୁଲ ବଜାୟ ରଖିବା ଲାଗି ସରକାରଙ୍କ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ପ୍ରତି ଦୁଇବର୍ଷରେ ଥରେ କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଜାରି କରାଯାଉଛି । ଏହା ଦ୍ୱାରା ଚାଷୀମାନେ ମୃତ୍ତିକାର ଉର୍ବରତାର ସ୍ଥିତି ଏବଂ ରସାୟନ ପରିସ୍ଥିତି ସଂପର୍କରେ ସବିଶେଷ ତଥ୍ୟ ଜାଣିପାରିବେ । ଫଳରେ ସେମାନେ ଚାଷରେ ଉପଯୁକ୍ତ ରସାୟନ ସାର, ଜୈବସାର ଏବଂ ମୃତ୍ତିକାର ଉପଯୁକ୍ତ ଯତ୍ନ ନେଇପାରିବେ ।

## ଗୋୟଲ୍ ଇଣ୍ଡିଆ-ଇୟୁ ଏଫ୍‌ଟିଏ

ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି, ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଯୋଗୁଁ ଆସନ୍ତା ୫ ବର୍ଷ ମଧ୍ୟରେ ୟୁରୋପୀୟ ସଂଘକୁ ଭାରତର ରପ୍ତାନୀ ପରିମାଣ ଦ୍ୱିଗୁଣିତ ହେବ। ଶ୍ରୀ ଗୋୟଲ ଉଦ୍ୟୋଗପତି, ଷ୍ଟାର୍ଟଅପ୍, ବ୍ୟବସାୟୀ ଗୋଷ୍ଠୀ ଗୁଡ଼ିକୁ ଆନ୍ତର୍ଜାତିକ ସ୍ତରରେ ବ୍ୟବସାୟ ପ୍ରତି ଅଧିକ କ୍ରିୟାଶୀଳ ହେବା ପାଇଁ ଆହ୍ୱାନ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଗୋୟଲ ବାଣିଜ୍ୟ ବୁଝାମଣା ଦ୍ୱାରା ଦେଶ ବିଭିନ୍ନ ସ୍ତରରେ ଉପକୃତ ହୋଇଥାଏ ବୋଲି ସୂଚନା ଦେଇଛନ୍ତି । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ବୁଝାମଣା ହେଉଛି ଏକ ଶକ୍ତିଶାଳୀ ପଦକ୍ଷେପ। ଏହା ଦ୍ୱାରା ଭାରତ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇପାରିବ ଏବଂ ବିଭିନ୍ନ କ୍ଷେତ୍ରରେ ଭାରତ ଉପକୃତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ବୁଝାମଣାର ନୂତନ ଦିଗ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି ।

# ହୋମ୍ ମିନିଷ୍ଟର-ଆଇଜିପି

କେନ୍ଦ୍ର ସରକାରଙ୍କ ଅଧୀନରେ ପୋଲିସ୍ ମହାନିରୀକ୍ଷକ-ଆଇଜିପି ପଦବୀ ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ - ଏସ୍‌ପି ଏବଂ ଉପ ପୋଲିସ୍ ମହାନିରୀକ୍ଷକ-ଡିଆଇଜି ପାହ୍ୟାର ଭାରତୀୟ ପୋଲିସ୍ ସେବା କର୍ମଚାରୀଙ୍କ ପାଇଁ ୨ ବର୍ଷ କେନ୍ଦ୍ରୀୟ ଅଭିଜ୍ଞତାକୁ ସରକାର ବାଧ୍ୟତାମୂଳକ କରିଛନ୍ତି । ଏ ସଂକ୍ରାନ୍ତରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବମାନଙ୍କ ନିକଟକୁ ପତ୍ର ଲେଖାଯାଇଛି । ୨୦୧୧ ବ୍ୟାଚ୍ ପରଠାରୁ ଆଇପିଏସ୍ ଅଧିକାରୀଙ୍କ କ୍ଷେତ୍ରରେ ଏହି ନିୟମାବଳୀ କାର୍ଯ୍ୟ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଲଞ୍ଚ ପୋଷ୍ଟ୍‌ପଣ୍ଡ୍

ଫ୍ଲୋରିଡାଠାରେ ପ୍ରତିକୂଳ ପାଣିପାଗ କାରଣରୁ ଚନ୍ଦ୍ରକୁ ଉତ୍କ୍ଷେପଣ ହେବାକୁ ଥିବା ଦ୍ୱିତୀୟ ଆର୍ଟେମିସ୍ ଅଭିଯାନକୁ ନାସା ସ୍ଥଗିତ ରଖିଛି । ନାସା ପକ୍ଷରୁ ଫେବୃୟାରୀ ୨ ତାରିଖରେ ଏହି ଅଭିଯାନର ପୂର୍ବାଭ୍ୟାସ କରାଯିବ । ଏହା ପରେ ଉତ୍କ୍ଷେପଣର ଚୂଡ଼ାନ୍ତ ତାରିଖ ଧାର୍ଯ୍ୟ କରାଯିବ । ଆର୍ଟେମିସ୍-୨ ହେଉଛି ଏକ ୧୦ଦିନିଆ ଅଭିଯାନ । ଏଥିରେ ୪ ଜଣ ମହାକାଶଚାରୀ ଯାତ୍ରା କରି ଚନ୍ଦ୍ର ଚାରିପାଖରେ ଭ୍ରମଣ କରିବେ । ଏହି ଅଭିଯାନରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର କୌଣସି କାର୍ଯ୍ୟ ସଂପୃକ୍ତି ନାହିଁ ।

# ସମୟପୁରମ୍ ଟ୍ରାଜେଡି

ତାମିଲନାଡୁର ତିରୁଚିରାପଲୀଠାରେ ଆଜି ସକାଳେ ଏକ ସଡ଼କ ଦୁର୍ଘଟଣାରେ ୪ ଜଣ ମହିଳାଙ୍କର ମୃତ୍ୟୁ ଘଟିଛି । ଚେନ୍ନାଇ-ତିରୁଚି ଜାତୀୟ ରାଜପଥରେ ପ୍ରାୟ ଭୋର୍ ୫ଟା ସମୟରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି ।

ମହିଳାମାନେ ସମୟପୁରମ୍ ମନ୍ଦିରକୁ ପଦଯାତ୍ରା କରି ଯାଉଥିବା ବେଳେ ଏକ କାର୍ ସେମାନଙ୍କ ଧକ୍କା ଦେଇଥିଲା ।

## କ୍ରିକେଟ୍-ଟି-୨୦

ତିରୁଅନନ୍ତପୁରମ୍ଠାରେ ଆଜି ୫ ମ୍ୟାଚ୍ ବିଶିଷ୍ଟ ପୁରୁଷ ଟି-୨୦ କ୍ରିକେଟ୍ ସିରିଜ୍ର ପଞ୍ଚମ ତଥା ଅନ୍ତିମ ମ୍ୟାଚ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ । ଏହି ମ୍ୟାଚ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଚତୁର୍ଥ ଟି-୨୦ ମ୍ୟାଚ୍ରେ ଭାରତ’ ନ୍ୟୁଜିଲ୍ୟାଣ୍ଡଠାରୁ ୫୦ ରନ୍ରେ ପରାସ୍ତ ହୋଇଥିଲା । ଏହି ସିରିଜ୍ରେ ଭାରତ ୩-୧ରେ ଅଗ୍ରଣୀ ରହିଛି ।